# ସୁଷମ ଗୋ-ଖାଦ୍ୟ ପ୍ରସ୍ତୁତି

■ ଡା. ରଞ୍ଜନ କୁମାର ମହାନ୍ତ ଓ ଡା. ସାରଦା ପ୍ରସନ୍ନ ସାହୁ

ମନୁଷ୍ୟ ତଥା ପଶୁମାନଙ୍କର ସ୍ୱାସ୍ଥ୍ୟରକ୍ଷା ଓ କର୍ମପାଇଁ ସୁଷମ ବା ସନ୍ତୁଳିତ ଖାଦ୍ୟ ନିହାତି ଜରୁରୀ । ଏଥିରେ ଖାଦ୍ୟସାରଗୁଡିକ ସଠିକ୍ ପରିମାଣରେ ତଥା ସଠିକ୍ ଅନୁପାତରେ ଥାଏ । ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଧାତୁସାର, ଜୀବସାର ଓ ଜଳର ଦରକାର ପଶୁର ପ୍ରକାର, ଗର୍ଭରେ ଅଛିକି ନାହିଁ, କ୍ଷୀରର ପରିମାଣ, ଋତୁ /ସମୟ ତଥା ଖାଦ୍ୟର ପ୍ରକାର ଭେଦ / ଉପାଦାନ ଉପରେ ନିର୍ଭର କରିଥାଏ ।

**ସୁଷମ ଖାଦ୍ୟର ଆବଶ୍ୟକତା -**

ମନୁଷ୍ୟ, କୁକୁର, କୁକୁଡା ଇତ୍ୟାଦି ଏକ ପାକସ୍ଥଳୀ ଥିବା ପ୍ରାଣୀ, ଆମେ ଯାହା ଖାଉ ତାକୁ ପାକସ୍ଥଳୀ ଓ ଅନ୍ତନଳୀରେ ହଜମ ହୋଇ ରକ୍ତକୁ ଯାଇଥାଏ । ତେଣୁ ଆମେ ଯାହା ଖାଉ,ତାହା ଆମ ଦେହ ପାଇଥାଏ । କିନ୍ତୁ ଗାଈ, ଛେଳି, ମେଣ୍ଢା, ମଇଁଷି ଆଦି ପ୍ରାଣୀଙ୍କର ପାକସ୍ଥଳୀ ଚାରି କୋଠରୀ ବିଶିଷ୍ଟ । ପ୍ରଥମ ପାକସ୍ଥଳୀରେ ଅସଂଖ୍ୟ ଅଣୁଜୀବ, ଫିମ୍ପି /କବକ ଇତ୍ୟାଦି ରହି ତନ୍ତୁ ଜାତୀୟ ଖାଦ୍ୟ ଓ ଅନ୍ୟାନ୍ୟ ମିଳୁଥିବା ଖାଦ୍ୟକୁ ଖାଇ ନିଜେ ବଢିଥାନ୍ତି । ଦିନେ ଦୁଇଦିନ ପରେ ସେମାନେ ଛାଣି ହୋଇ ଦ୍ୱିତୀୟ ପାକସ୍ଥଳୀରେ ପହଞ୍ଚନ୍ତି, ସେଠାରୁ ତୃତୀୟ ପାକସ୍ଥଳୀକୁ ଯାଇ ଗୁଣ୍ଡ କରାଯାଇଥାଏ ଏବଂ ଚତୁର୍ଥ ପାକସ୍ଥଳୀକୁ ଯାଇଥାନ୍ତି । ସେଠାରେ ମଣିଷ ପାକସ୍ଥଳୀ ଭଳି ଖାଦ୍ୟ ଓ ଅଣୁଜୀଗୁଡିକ ହଜମ ହୋଇଥାଏ । ତେଣୁ ଅଣୁଜୀବଗୁଡିକ ବଢିବା ପାଇଁ ଶକ୍ତି (ଶ୍ୱେତସାର ଜାତୀୟ ଖାଦ୍ୟ) ଓ ଯବକ୍ଷାରଜାନ (ପୁଷ୍ଟିସାର ଜାତୀୟ ଖାଦ୍ୟ) ନିହାତି ଜରୁରୀ । ଆମ ପାକସ୍ଥଳୀରେ ହଜମ ପଦାର୍ଥ ସିଧାସଳଖ ରକ୍ତକୁ ଆସୁଥିବାବେଳେ, ରୋମନ୍ଥନ କରୁଥିବା ପଶୁମାନଙ୍କ ଦେହରେ ଅଣୁଜୀବ ବଢିଥାନ୍ତି । ତେଣୁ ଯଦି ଆମେ ପୁଷ୍ଟିସାର ଓ ଶ୍ୱେତସାର ଜାତୀୟ ଖାଦ୍ୟ ଅଲଗା ଅଲଗା ସମୟରେ ଖାଇଲେ ମଧ୍ୟ ଦେହରେ ଲାଗିଥାଏ, କିନ୍ତୁ ଗାଈ ପାଇଁ ମିଶ୍ରିତ ଖାଦ୍ୟ ଦେଲେ ହିଁ ଲାଭ ମିଳିଥାଏ । ନହେଲେ ଭଲ ତଥା ଦାମିକା ଖାଦ୍ୟ ମଧ୍ଯ ଗାଈ ପାଇଁ ସେତେ ଲାଭଜନକ ହୋଇନଥାଏ ।

**ସୁଷମ ଖାଦ୍ୟ କିପରି ତିଆରି କରିବା -**

ବଜାରରେ ମିଳୁଥିବା ସନ୍ତୁଳିତ ଖାଦ୍ୟ (ଯଥା ଦାନା, ସବୁଜଘାସ, ଶୁଖିଲାନଡା ଓ ଦଳ) ମଧ୍ୟରୁ ଦାନାର ଦାମ୍ ସବୁଠାରୁ ଅଧିକ । ଗୋଟିଏ ଗାଈର କିଣିବା ଖର୍ଚ୍ଚକୁ ଛାଡିଦେଲେ ସବୁଠାରୁ ଅଧିକ ଖର୍ଚ୍ଚ ଖୁଆଇବାରେ ହିଁ ହୋଇଥାଏ । ତେଣୁ ଋଷୀ ଭାଇମାନେ ନିଜ ଅଞ୍ଚଳରେ ମିଳୁଥିବା ଉପାଦାନକୁ ନେଇ ସୁଷମଖାଦ୍ୟ ପ୍ରସ୍ତୁତି କରି ପାରିଲେ ଲାଭର ପରିମାଣ ଅଧିକ ହୋଇଥାଏ । ସୁଷମଖାଦ୍ୟରେ ମୁଖ୍ୟତଃ ଦାନା, ସବୁଜ ଘାସ, ଶୁଖିଲା ନଡା / ପାଳ ତଥା ଜଳ ମିଶିଥାଏ । ଦରକାର ଖାଦ୍ୟର ଏକ ତୃତୀୟାଂଶ ଦାନାରୁ ଆସିଥାଏ । ଅନ୍ୟଭାଗର ଏକ ଚତୁର୍ଥାଂଶ ସବୁଜଘାସ ତଥା ବାକି ନଡା ବା ଶୁଷ୍କ ଘାସରୁ ଆସିଥାଏ । ନଡାରେ କେବଳ କିଛି କାରୋଟିନ୍, ଶକ୍ତି ଓ ଅଳ୍ପ ଖାଦ୍ୟସାର ମାତ୍ର ରହିଥାଏ । କିନ୍ତୁ ନଡା ପେଟକୁ ପୁରା ଲାଗିବାରେ ସାହାଯ୍ୟ କରିଥାଏ ଏବଂ ଏହାର ପରିମାଣ କମିଗଲେ ଖାଇବା କମିଯାଏ, ଝାଡା ଠିକ୍ ହୁଏନାହିଁ, କ୍ଷୀରରେ କମ୍ ଘିଅ ଅଂଶ ରହେ ଓ ହଜମରେ ଅସୁବିଧା ଦେଖାଯାଏ ।

**ଦାନା ତିଆରି ପାଇଁ ଆମ ଅଞ୍ଚଳରେ କ'ଣ ଉପାଦାନ ମଳେ :**

୧) ଶସ୍ୟ ଜାତୀୟ ଉପାଦାନମାନଙ୍କୁ ଶକ୍ତି ଦାୟକ ଉପାଦାନ ମଧ୍ଯ କୁହାଯାଏ । ସେମାନଙ୍କଠାରୁ ଅଧିକ ଶକ୍ତି, କମ୍ ପୁଷ୍ଟିସାର (୬-୧୨ ଶତକଡା) ମିଳିଥାଏ; ଯଥା ମକା, ଗହମ, ବାଜରା, ଯଅ, ମାଣ୍ଡିଆ ଓ ଭଙ୍ଗା ଚାଉଳ ଇତ୍ୟାଦି । ଏମାନଙ୍କ ମଧ୍ୟରୁ ମକାରେ ଅଧିକ ଶକ୍ତି ଥାଏ ।

୨) ଡାଲି ଜାତୀୟ ଖାଦ୍ୟ ଯଥା ବିରି, କୋଳଥ, ମୁଗ, ବୁଟ ଇତ୍ୟାଦିରେ ପୁଷ୍ଟିସାର ଅଧିକ (୧୦-୨୫ ଭାଗ), ଶକ୍ତି ମଧ୍ୟମ ଧରଣର ଥାଏ ।

୩) ପିଡିଆ - ପିଡିଆ ସାଧାରଣତଃ ଦୁଇ ପ୍ରକାର ଘଣାରେ ପେଷା ଯାଇଥିବା ପିଡିଆରେ ତେଲ ଓ ପୁଷ୍ଟିସାର ଅଧିକ ଥାଏ କିନ୍ତୁ କଳରେ ପେଷାଗଲେ ତେଲ ଅଂଶ କମ୍ ରହେ । ବାଦାମ୍ ପିଡିଆ,

ରାଶି ପିଡିଆ, ସୋରିଷ ପିଡିଆରେ ପାଖ ପାଖି ୩୦-୫୦ ଭାଗ ପୁଷ୍ଟିସାର ଥାଏ ଏବଂ ୧-୨୦ ଭାଗ ତେଲ ଥାଏ ।

୪) ଚୁନି - ବିରି, ମୁଗ ଓ କୋଳଥ ଇତ୍ୟାଦି ଡାଲିର ଚୋପାରେ ମଧ୍ୟମ ଧରଣର ପୁଷ୍ଟିସାର ଓ ଶକ୍ତି ଥାଏ ।

୫) ଚୋକଡ, କୁଣ୍ଡା ଇତ୍ୟାଦି- ଗହମ ଚୋକଡ, ଧାନ କୁଣ୍ଡା ଇତ୍ୟାଦିରେ ମଧ୍ୟମ ଧରଣର ଶକ୍ତି ତଥା ଧାତୁସାର ଥାଏ । ଏମାନେ ଖାଦ୍ୟକୁ ଅନ୍ତନଳୀରେ ଠିକ୍ ଭାବେ ଗତି କରି ଝାଡା ଠିକ୍ ପରିମାଣରେ କରାଇ ଥାନ୍ତି । ଏହା ଛଡା ଫସଫରସ୍ ଧାତୁସାର ଏଥିରେ ଅଧିକ ଥାଏ ।

ଏସବୁର ଅମଳ ସମୟରେ ଦାମ୍ କମ୍ ଥାଏ । ତେଣୁ ସେତେବେଳେ କିଣି ଉପାଦାନ ଗୁଡିକୁ ଗାଈ ପାଇଁ ରଖାଯାଇପାରେ । ସାଇତି ରଖିବାବେଳେ ଠିକ୍ ଭାବେ ଶୁଖାଯାଇ ରଖାଯାଏ । ଯେପରିକି ଫିମ୍ପି ନ ଲାଗେ । ଏଗୁଡିକ ବ୍ୟତୀତ ବିଭିନ୍ନ ଅଞ୍ଚଳରେ ଅଲଗା ଅଲଗା ଉପାଦାନ ମଧ୍ୟ ମିଳିଥାଏ ।

**୧୦୦ କି.ଗ୍ରା ସୁଷମ ଖାଦ୍ୟ ପାଇଁ ଆବଶ୍ୟକ ଉପାଦାନ**

| | | |
|---|---|---|
| ୧) | ଶସ୍ୟ ଜାତୀୟ (ମକା, ଗହମ, ଯଅ, ବାଜରା)- | ୨୦ ରୁ ୪୦ ଭାଗ |
| ୨) | ଚୋକଡ, କୁଣ୍ଡା ଇତ୍ୟାଦି - | ୨୦ ରୁ ୪୦ଭାଗ |
| ୩) | ପିଡିଆ ଜାତୀୟ (ବାଦାମ୍, ରାଶି, ସୋରିଷ, ସୋୟାବିନ୍)- | ୨୦ ରୁ ୩୦ ଭାଗ |
| ୪) | ଡାଲି ଜାତୀୟ ଖାଦ୍ୟ - | ୧୫ ରୁ ୨୫ ଭାଗ |
| ୫) | ଖଣିଜ ମିଶ୍ରଣ - | ୨ ଭାଗ |
| ୬) | ଲୁଣ - | ୧ ଭାଗ |

ଏହି ଉପାଦାନ ଗୁଡିକୁ ପଡିଆ ଗାଈ ପାଇଁ, ଗର୍ଭବତୀ ଓ ଅଧିକ କ୍ଷୀର ଉତ୍ପାଦନ କରୁଥିବା ଗାଈ ପାଇଁ ବଦଳା ଯାଏ । ବଢୁଥିବା ପଶୁ ଓ ଗର୍ଭବତୀ ଗାଈମାନଙ୍କୁ ପୁଷ୍ଟିସାର ଜାତୀୟ ଖାଦ୍ୟ ଅଧିକ ଦରକାର ହୋଇଥାଏ । ତେଣୁ ପିଡିଆ ଓ ଡାଲି ଜାତୀୟ ଖାଦ୍ୟ ବଢାଇ ଦିଅନ୍ତୁ ଏବଂ ଚୋକଡ କମାନ୍ତୁ । ପଡିଆ ଗାଈ ପାଇଁ ଡାଲିଜାତୀୟ ଖାଦ୍ୟ କମ୍ ଦିଆଯାଇ ପାରିବ । ଖଣିଜ ମିଶ୍ରଣ ଓ ଲୁଣକୁ ପ୍ରଥମେ କିଛି ମକାଗୁଣ୍ଡ ଅଥବା ଚୋକଡରେ ଠିକଭାବେ ମିଶାଇ ଦିଅନ୍ତୁ । ତା ପରେ ପୁରା ଦାନାରେ ମିଶାଇଲେ ଠିକ୍ ଭାବେ ମିଶିବ । ଦାନା ତିଆରି କରି ଶୁଖିଲା ଜାଗାରେ ରଖନ୍ତୁ ।

**ସବୁଜ ଘାସର ଭୂମିକା -**

ସବୁଜ ଘାସ ଯଥା ଶଙ୍କର ହାତିଆ ଘାସ, ବାଜରା, ଯଅ, ଘୁଡଙ୍ଗ, ଦିନାନାଥ ଓ ପାରା ଇତ୍ୟାଦିରେ ପୁଷ୍ଟିସାର ଓ ଶକ୍ତି ମଧ୍ୟମ ଧରଣର ଥାଏ । ୬-୭ କିଲୋ କ୍ଷୀରେ ଦେଉଥିବା ଗାଈକୁ କେବେଳ ଘାସ ଦେଇ ରଖିହେବ । ଡାଲିଜାତୀୟ ଘାସ ଯଥା ବରସିମ୍, ଝୁଡଙ୍ଗ ଇତ୍ୟାଦି ଦାନା ଭଳ ବ୍ୟବହାର କରାଯାଇ ପାରିବ । ୭-୮ କିଲୋ ଘାସ ଦେଲେ ଗୋଟିଏ କିଲୋ ଦାନା କମ୍ କରାଯାଇ ପାରେ ।

**୪୦୦ କିଲୋଗ୍ରାମ୍‌ର ଗାଈକୁ ୧୦ଲି. କ୍ଷୀର ଦେଉଥିଲେ କିପରି ସୁଷମ ଖାଦ୍ୟ ଖୁଆଇବା**

**୪୦୦ କିଲୋଗ୍ରାମ୍ ଗାଈ ଦିନକୁ ୧୦-୧୪ କିଲୋଗ୍ରାମ୍ ଶୁଷ୍କ ଖାଦ୍ୟ ଦରକାର କରିବ ।**

ସାଧାରଣତଃ ପ୍ରତି ଅଢେଇ ଲିଟର କ୍ଷୀର ପାଇଁ ଏକ କି.ଗ୍ରା ଦାନା ଦରକାର । ଅର୍ଥାତ୍ ୪ କି.ଗ୍ରା. ଦାନା କ୍ଷୀର ପାଇଁ ଦରକାର । ତା ଛଡା ଗାଈ କ୍ଷୀର ଦେଉ ବା ନ ଦେଉ ତାର ବଞ୍ଚିବା ପାଇଁ ୨ କିଲୋ ଦାନା ଦେବା ଉଚିତ୍ । ଅର୍ଥାତ୍ ୧୦ ଲିଟର କ୍ଷୀର ଦେଉଥିବା ପାଇଁ ୬ କିଲୋ ଦାନା ଦେବା ଉଚିତ୍ । ଦାନା ବ୍ୟତୀତ ୧୦-୧୫ କିଲୋ ଭଲ କଞ୍ଚା ଏବଂ ୬-୭ କିଲୋ ଘାସ/ପାଳ/ନଡା ଦେବା ଉଚିତ୍ । ମଈଷି ଦୁଗ୍ଧରେ ଚର୍ବି/ ଘିଅ ଅଧିକ ଥିବାରୁ ପ୍ରତି ୨ ଲି. ଦୁଗ୍ଧ ପାଇଁ ଏକ କିଲୋଗ୍ରାମ ଦାନା ଜରୁରୀ । ଏହାଛଡା ଶରୀର ଓଜନର ଶତକଡା ୨୦ଭାଗ ପର୍ଯ୍ୟନ୍ତ ପାଣି ପିଇବାକୁ ଦେବା ନିହାତି ଜରୁରୀ । ଗାଈକୁ ସବୁଜ ଘାସ ଦେଉ ନ ଥିଲେ ଖାଦ୍ୟରେ ଭିଟାମିନ୍ 'କ' ଦେବା ନିହାତି ଜରୁରୀ । ୪-୫ ଲିଟର କ୍ଷୀର ଦେଉଥିବା ଗାଈ ପାଇଁ ଗରା ଘାସ ଯଥେଷ୍ଟ ଦେଲେ ଦାନାର ଆବଶ୍ୟକ ନ ଥାଏ । ତା ଠାରୁ ଅଧିକ କ୍ଷୀର ପାଇଁ ଦାନା ଦେବା ଆବଶ୍ୟକ । ଏହା ବ୍ୟତିତ ପ୍ରତି ୭-୮ କିଲୋ ଅଧିକ କଟା ଘାସ ଦେଲେ ୧ କିଲୋ ଦାନାର ପରିମାଣ କମ୍ କରିପାରନ୍ତି । ଗାଈ ଦୁହିଁବା ସମୟରେ ପ୍ରତିଦିନ ଦରକାର ଦେଉଥିବା ଦାନାକୁ ଦୁଇଭାଗ କରି ଦେବା ଉଚିତ୍ । ତା' ଛଡା ୬ ମାସର ଗର୍ଭିଣୀ ଗାଈକୁ ପ୍ରତିଦିନ ୦.୫ ରୁ ୧ କିଲୋ ଅଧିକ ଦାନା ଦେବା ଆବଶ୍ୟକ । ଘାସ କିମ୍ବା ନଡାକୁ ଚଫ୍‌କଟର ଯନ୍ତ୍ର ବା ନଡାକଟା ପନିକି ଦ୍ୱାରା କାଟି ଖୁଆଇଲେ ନଷ୍ଟ କମ୍ ହୁଏ ଏବଂ ସହଜରେ ହଜମ ହୁଏ । ଫଳରେ କ୍ଷୀର ଉତ୍ପାଦନ ଅଧିକ ହୋଇଥାଏ । ପରିଶେଷରେ ଏତିକି କୁହାଯାଇ ପାରେ କି ନିଜ ଅଞ୍ଚଳରେ ମିଳୁଥିବା ଉପାଦାନକୁ ନେଇ ସୁଷମ ଖାଦ୍ୟ ତିଆରି କରି ଖାଆଇଲେ ଲାଭ ଅଧିକ ମିଳିଥାଏ ଏବଂ ଗାଈ ମଧ୍ୟ ସୁସ୍ଥ ରହିଥାଏ ।

**ପ୍ରାଣୀ ବିଜ୍ଞାନ ବିଶେଷଜ୍ଞ,କୃଷି ବିଜ୍ଞାନ କେନ୍ଦ୍ର, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ**

**- ପ୍ରାଣୀଧନ ଅଧିକାରୀ,ପଶୁପାଳନ ଦୁଗ୍ଧ ଓ ମତ୍ସ୍ୟ ବିଭାଗ, କୃଷି ମନ୍ତ୍ରଣାଳୟ, ଭାରତ ସରକାର**